ପି. ସତ୍ୟନାରାୟଣ ଏବଂ ଅନ୍ୟ ଜଣେ

ବନାମ

ପି. ମାଲ୍ଲାୟା ଏବଂ ଅନ୍ୟମାନେ

ଅଗଷ୍ଟ 30,1996

[ମଦନ ମୋହନ ପୁଞ୍ଚି ଏବଂ କେ.ଟି. ଥୋମାସ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦଣ୍ଡ ସଂହିତା, 1860 :*

*ଧାରା 494 – ଦ୍ୱିବିବାହ – ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଧାରିତ ପରୀକ୍ଷଣ ଆଧାରରେ ବିବାହର ସତ୍ୟତା ପ୍ରମାଣିତ ହୋଇନଥିଲା ଏବଂ ଦଣ୍ଡାଧିକାରୀଙ୍କ ଦ୍ୱାରା ନିର୍ଦ୍ଦୋଷରେ ଖଲାସ କରାଯାଇଥିଲା – ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ଆଦେଶକୁ ଓଲଟାଇଦେଇଥିଲେ ଯେ, ସ୍ୱାମୀଙ୍କ ତରଫରୁ ସ୍ୱୀକାରୋକ୍ତି ଥିଲା, ଏବଂ ପୁନର୍ବିଚାର ପାଇଁ ଆଦେଶ ଦିଆଯାଇଥିଲା – ଅପିଲରେ ଦର୍ଶାଯାଇଥିଲା, ସ୍ୱୀକାରୋକ୍ତିର ଅର୍ଥ ଆବଶ୍ୟକୀୟ ଭାବରେ ଏହା ନୁହେଁ ଯେ, ସେ ଯଥାର୍ଥ ସମାରୋହ ପାଳନ ପରେ ଏକ ହିନ୍ଦୁ ବିବାହ ସମ୍ପାଦନ ପରେ ଦ୍ୱିତୀୟ ପତ୍ନୀଙ୍କୁ ଗ୍ରହଣ କରିଥିଲେ – ପୁନର୍ବିଚାର ଆଦେଶ ଦେବା ଏକ ବୃଥା ପ୍ରୟୋଗ ଥିଲା ଯେତେବେଳେ ସାକ୍ଷ୍ୟ ଉପରେ ଟିକିନିଖି ଆଲୋଚନା କରାଯାଇଥିଲା ଏବଂ ପ୍ରତ୍ୟାଖ୍ୟାନ କରାଯାଇଥିଲା – ତେଣୁ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ରଦ୍ଦ କରିଦିଆଯାଇଛି – ତଥାପି ସ୍ୱାମୀଙ୍କ ଦ୍ୱାରା ପ୍ରସ୍ତାବିତ ରକ୍ଷଣାବେକ୍ଷଣ ଅନୁରୂପ ଭାବରେ 1.10.1996 ଠାରୁ ଟ. 400 ରୁ ଟ. 800 କୁ ବୃଦ୍ଧି କରାଯାଇଥିଲା ।*

*ଭାଉରାଓ ଶଙ୍କର ଲୋଖଣ୍ଡେ ଏବଂ ଅନ୍ୟ ଜଣେ ବନାମ ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟ ଜଣେ,* **[1965] 2 SCR 837**; *କନୱାଲ ରାମ ଏବଂ ଅନ୍ୟମାନେ ବନାମ ହିମାଚଳ ପ୍ରଦେଶ ପ୍ରଶାସନ,* **[1966] 1 SCR 539** *ଏବଂ ପ୍ରିୟା ବାଲା ଘୋଷ ବନାମ ସୁରେଶ ଚନ୍ଦ୍ର ଘୋଷ,* **[1971] 1 SCC 864**, ଉପରେ ଭରସା କରାଯାଇଛି ।

ଅପରାଧିକ ଅପିଲ ଅଧିକାରିତା : ଅପରାଧିକ ଅପିଲ ସଂଖ୍ୟା 1635/1996 ।

ସି ଆର୍ ଏଲ୍. ଆର୍. ମାମଲା ସଂଖ୍ୟା 554/1991 ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କ ତା 11.7.94 ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ଡି. ପ୍ରକାଶ ରେଡ୍ଡୀ ଏବଂ ଡି. ଭାରତୀ ରେଡ୍ଡୀ ।

ଉତ୍ତରଦାତାମାନଙ୍କ ପାଇଁ ଗୁଣ୍ଟୁର ପ୍ରଭାକର ଏବଂ ଅନିଲ କୁ. ଟଣ୍ଡେଲ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ମଞ୍ଜୁର କରାଗଲା ।

ପତ୍ନୀ-ଉତ୍ତରଦାତା ଭାରତୀୟ ଦଣ୍ଡ ସଂହିତାର ଧାରା 494 ଅନ୍ତର୍ଗତ ଆରକ୍ଷୀଙ୍କ ସମ୍ମୁଖରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ, ଯାହା ତଦନ୍ତ ପରେ ଅପିଲକାରୀ ତଥା ତାଙ୍କ ଆରୋପିତ ଦ୍ୱିତୀୟ ପତ୍ନୀ, ଦ୍ୱିତୀୟ ଅପିଲକାରୀଙ୍କ ବିଚାର ପାଇଁ ନ୍ୟାୟାଳୟରେ ଉପସ୍ଥାପନ କରାଯାଇଥିଲା । ତାଙ୍କ ବିରୋଧରେ ଅଭିଯୋଗ ଆରୋପିତ ହୋଇଥିଲା । ଆରୋପ ବିରୋଧରେ ଯୁକ୍ତି ଆରମ୍ଭ କରି ସ୍ୱାମୀ-ଅପିଲକାରୀ କହିଛନ୍ତି :

> "ସତ । ମୁଁ କୌଣସି ଅପରାଧ କରିନାହିଁ । ମୁଁ ପତ୍ନୀ ପରିତ୍ୟକ୍ତ ହୋଇ ଏବଂ ତାଙ୍କର ଚାଲିଯିବାର ଦଶ ବର୍ଷ ପରେ ବିବାହ କରିଛି ।"

ତାଙ୍କ ଯୁକ୍ତିକୁ ଏପରି ଆଖ୍ୟା ଦେବାକୁ ଚେଷ୍ଟା କରାଯାଇଥିଲା ଯେପରି ସେ ଦ୍ୱିତୀୟ ଥର ବିବାହ କରିଥିବା ସ୍ୱୀକାର କରିଛନ୍ତି । ବିଚାର କରୁଥିବା ବିଜ୍ଞ ଦଣ୍ଡାଧିକାରୀ ଅଭିଯୋଜନ ସାକ୍ଷ୍ୟକୁ ଲିପିବଦ୍ଧ କରିଥିଲେ ଏବଂ ଏହି ଉପସଂହାରରେ ପହଞ୍ଚିଥିଲେ ଯେ, *ଭାଉରାଓ ଶଙ୍କର ଲୋଖଣ୍ଡେ ଏବଂ ଅନ୍ୟ ଜଣେ ବନାମ ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟ ଜଣେ,* [1965] 2 SCR 837*;* *କନୱାଲ ରାମ ଏବଂ ଅନ୍ୟମାନେ ବନାମ ହିମାଚଳ ପ୍ରଦେଶ ପ୍ରଶାସନ,* [1966] 1 SCR 539 *ଏବଂ ପ୍ରିୟା ବାଲା ଘୋଷ ବନାମ ସୁରେଶ ଚନ୍ଦ୍ର ଘୋଷ,* [1971] 1 SCC 864 ରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଧାରିତ ପରୀକ୍ଷଣ ଆଧାରରେ ବିବାହର ସତ୍ୟତା ପ୍ରମାଣ କରିବା ପାଇଁ କୌଣସି ଆଇନଗତ ପ୍ରମାଣ ନାହିଁ । ତେଣୁ ସେ ଅପିଲକାରୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ । ପତ୍ନୀ-ଉତ୍ତରଦାତାଙ୍କ ଦ୍ୱାରା ଏକ ବ୍ୟକ୍ତିଗତ ସଂଶୋଧନ ଉପରେ ଉଚ୍ଚ ନ୍ୟାୟାଳୟ, ଦୋଷମୁକ୍ତ ଆଦେଶକୁ ମୁଖ୍ୟତଃ ଏହି ଆଧାରରେ ଓଲଟାଇଦେଇଥିଲେ ଯେ, ତାଙ୍କ ବିରୋଧରେ ଲଗାଯାଇଥିବା ଆରୋପର ଜବାବରେ ପ୍ରଥମ ଅପିଲକାରୀଙ୍କ ସ୍ୱୀକାରୋକ୍ତି ଥିଲା । ତେଣୁ ଉଚ୍ଚ ନ୍ୟାୟାଳୟ ପୁନର୍ବିଚାର ପାଇଁ ଆଦେଶ ଦେଇଥିଲେ ।

ଆମ ମତରେ, ଉଚ୍ଚ ନ୍ୟାୟାଳୟ, ବିଚାର କରିଥିବା ଦଣ୍ଡାଧିକାରୀଙ୍କ ସୁ-ବିଚାରିତ ଆଦେଶକୁ ଓଲଟାଇବାରେ ଭୁଲ କରିଥିଲେ, ଯେଉଁଥିରେ ଆରୋପିତ ଦ୍ୱିତୀୟ ବିବାହର ଯଥାର୍ଥ ସମାରୋହ ପ୍ରମାଣିତ ହେବା ଆବଶ୍ୟକ ଥିଲା ଯାହା ପୂର୍ବ-ଉଲ୍ଲିଖିତ ମାମଲାଗୁଡ଼ିକରେ ଏହି

ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଧାରିତ ପରୀକ୍ଷଣକୁ ସୁନିଶ୍ଚିତ କରିବା ପାଇଁ ଉଦ୍ଦିଷ୍ଟ । ପୂର୍ବ-ଉଲ୍ଲିଖିତ ଦୋଷର ଯୁକ୍ତିକୁ ସର୍ବୋତ୍ତମ ଭାବରେ ବୁଝାଯାଇପାରିବ ଯେ, ପ୍ରଥମ ଅପିଲକାରୀ ଜଣେ ପତ୍ନୀଙ୍କୁ ଗ୍ରହଣ କରିଥିଲେ, କିନ୍ତୁ ସେହି ସ୍ୱୀକାରୋକ୍ତିର ଅର୍ଥ ଆବଶ୍ୟକୀୟ ଭାବରେ ଏହା ନୁହେଁ ଯେ, ବିବାହ ପାଇଁ ଯଥାର୍ଥ ସମାରୋହ ପାଳନ  ପରେ ସେ ତାଙ୍କ ସହିତ ଏକ ହିନ୍ଦୁ ବିବାହ ସମ୍ପାଦନ କରିବା ପରେ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥିଲେ । ଏପରି ଯୁକ୍ତି, ଯାହା ସେ ଆରମ୍ଭ କରିବାର ମଧ୍ୟ ଆବଶ୍ୟକତା ନଥିଲା, ଏବଂ ଯାହା ନ୍ୟାୟାଳୟଙ୍କ ଦ୍ୱାରା ଅଣଦେଖା କରାଯିବା କଥା, ଅନ୍ୟଥା ଏହାଙ୍କର ମାମଲା ପ୍ରମାଣ କରିବାକୁ ଅଭିଯୋଜନଙ୍କୁ ଏହି ଦାୟରୁ ମୁକ୍ତ କରିନଥିଲା ଯେ, ପ୍ରଶ୍ନ ଉଠୁଥିବା ବିବାହ ନିୟମିତ ଭାବରେ ସମ୍ପାଦିତ ହୋଇଥିଲା ଯାହା ଦ୍ୱାରା ତାଙ୍କୁ ଦଣ୍ଡନୀୟ ପରିଣାମର ସମ୍ମୁଖୀନ ହେବାକୁ ପଡ଼ିବ । ତେଣୁ ଆମର ମତ ହେଉଛି ଯେ, ଯେତେବେଳେ ଦଣ୍ଡାଧିକାରୀଙ୍କ ଦ୍ୱାରା ଉପଲବ୍ଧ ଥିବା ପ୍ରମାଣକୁ ଟିକିନିଖି ଭାବରେ ତର୍ଜମା ତଥା ଆଲୋଚନା କରାଯାଇ ପ୍ରତ୍ୟାଖ୍ୟାନ କରାଯାଇଥିଲା, ସେତେବେଳେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ତାହାକୁ ପୁନର୍ବିଚାର କରିବାକୁ ଆଦେଶ ଦେବା ଏକ ନିରର୍ଥକ ପ୍ରୟାସ । ଏହି କାରଣଗୁଡ଼ିକ ପାଇଁ, ଆମେ ଭାବୁଛୁ ଯେ, ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ପ୍ରତ୍ୟାହାର କରିବାର ଆବଶ୍ୟକତା ରହିଛି, ଯାହା ଆମେ ଏତଦ୍ୱାରା କରୁଛୁ ।

ଏଥି ସହିତ, ଆମକୁ ପ୍ରଥମ ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ବିବୃତି ଏହି ଭଳି ଲିପିବଦ୍ଧ କରିବାକୁ ପଡ଼ିବ ଯେ, ଉକ୍ତ ଅପିଲକାରୀ ରାଜ୍ୟ ରାଜସ୍ୱ ମଣ୍ଡଳରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀର କର୍ମଚାରୀ, ପ୍ରତି ମାସ ପ୍ରାୟ ଟ. 1600 ଦରମା ପାଉଛନ୍ତି ଯେଉଁଥିରୁ, ନ୍ୟାୟାଳୟଙ୍କ ଆଦେଶ ଅନ୍ତର୍ଗତ, ସେ ସାମୟିକ ଭାବେ, ପ୍ରତି ମାସ ଟ. 400 ଉତ୍ତରଦାତା-ପତ୍ନୀ ଏବଂ ତାଙ୍କ ବୟଃପ୍ରାପ୍ତ ଶିଶୁଙ୍କୁ ରକ୍ଷଣାବେକ୍ଷଣ ହେତୁ ପ୍ରଦାନ କରୁଛନ୍ତି । ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ବର୍ତ୍ତମାନ ଉକ୍ତ ଭତ୍ତା ବୃଦ୍ଧି କରିବା ପାଇଁ ଏକ ଯଥାର୍ଥ ପ୍ରସ୍ତାବ ଏହି ସର୍ତ୍ତରେ ଦିଆଯାଉଛି ଯେ, ଯଦି ଉତ୍ତରଦାତା-ପତ୍ନୀ ପ୍ରଥମ ଅପିଲକାରୀଙ୍କୁ ଜଣେ ଦ୍ୱିବିବାହ କରିଥିବା ବ୍ୟକ୍ତି ଭାବରେ ବର୍ଣ୍ଣନା କରିବାରେ ତାଙ୍କର ଦାବିରୁ ବିରତ ହୁଅନ୍ତି, କାରଣ ଯଦି ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଏ ଏବଂ ଜେଲ୍ ଦିଆଯାଏ, ତେବେ ସେ ସମ୍ପୂର୍ଣ୍ଣ ଭାବରେ ରକ୍ଷଣାବେକ୍ଷଣ ହରାଇବେ । ଆମେ ତର୍କର ଦୃଢତା ଦେଖୁଛୁ । ସେ ସୁନା ଅଣ୍ଡା ଦେଉଥିବା ବତକକୁ ମାରିବାର ସାମର୍ଥ୍ୟ ରଖିପାରିବେ ନାହିଁ । ପରିସ୍ଥିତିର କଠିନ ବାସ୍ତବତା ଆବଶ୍ୟକ କରେ ଯେ, ପ୍ରଥମ ଅପିଲକାରୀ ତାଙ୍କ ଚାକିରିରୁ ବଞ୍ଚିତ ନ ହୁଅନ୍ତୁ ଯାହା ଦ୍ୱାରା ସେ ନିଜର ରକ୍ଷଣାବେକ୍ଷଣ କରିବା ବ୍ୟତୀତ, ଉତ୍ତରଦାତା ପତ୍ନୀ ଏବଂ ତାଙ୍କ ପିଲାଙ୍କୁ ଆବଶ୍ୟକ ପରିମାଣ ଅର୍ଥ ଯୋଗାଇ ପାରିବେ । ତାହାକୁ ଧ୍ୟାନରେ ରଖି, ଆମେ ଏହା ଉଚିତ ମନେ

କରୁଛୁ ଯେ, ପ୍ରସ୍ତାବିତ ଆଧାରରେ ଅପିଲକାରୀ ଉତ୍ତରଦାତା ଏବଂ ତାଙ୍କ ପିଲାଙ୍କୁ ପ୍ରତି ମାସରେ ମୋଟ ଟ. ୪00 ଦେବେ, ଯାହା 1 ଅକ୍ଟୋବର, 1996 ଠାରୁ କାର୍ଯ୍ୟକାରୀ ହୋଇ ରକ୍ଷଣାବେକ୍ଷଣ ଭତ୍ତା ଭାବରେ ପ୍ରଦାନ କରାଯାଇଛି । ତଦନୁସାରେ ଆମେ ଆଦେଶ ଦେଉଛୁ ।

ଉପରୋକ୍ତ କାରଣଗୁଡ଼ିକ ପାଇଁ, ଆମେ ଏହି ଅପିଲକୁ ଅନୁମତି ଦେଉଛୁ, ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ଆଦେଶଗୁଡ଼ିକୁ ରଦ୍ଦ କରୁଛୁ ଏବଂ ଉତ୍ତରଦାତା-ପତ୍ନୀ ଏବଂ ତାଙ୍କ ପିଲାଙ୍କୁ ଦେୟ ରକ୍ଷଣାବେକ୍ଷଣ ବୃଦ୍ଧି କରୁଛୁ । ଅଧସ୍ତନ ନ୍ୟାୟାଳୟଗୁଡ଼ିକରେ ବିଚାରାଧୀନ ଥିବା ରକ୍ଷଣାବେକ୍ଷଣ କାର୍ଯ୍ୟାନୁଷ୍ଠାନ ବର୍ତ୍ତମାନ ଏଠାରେ ପୂର୍ବରୁ ଦିଆଯାଇଥିବା ଆମର ଆଦେଶ ଅନୁସାରେ ନିଷ୍ପତ୍ତି ନିଆଯିବ ।

ଜି.ଏନ୍.                                                  ଅପିଲକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :- ସୁଧା ସୁରମ୍ୟା ସାହୁ**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**